# ADMISSION NOTICE

## ହସ୍ତଶିଳ୍ପ ନମୁନା ବିକାଶ ପ୍ରଶିକ୍ଷଣରେ ସାର୍ଟିଫିକେଟ୍ ପାଠ୍ୟକ୍ରମ

## CERTIFICATE COURSE IN CRAFT DESIGN

ରାଜ୍ୟର ହସ୍ତଶିଳ୍ପ କାରିଗର ମାନଙ୍କୁ ବଜାର ତଥା ରପ୍ତାନୀ ଭିଭିକ ସାମଗ୍ରୀ ପ୍ରସ୍ତୁତି ପାଇଁ ତାଲିମ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସହାୟତାରେ ଏକ ୧ ବର୍ଷ ଆ ସାର୍ଟି ଫିକେଟ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଅଛି । ଏହି ପାଠ୍ୟକ୍ରମ ରାଷ୍ଟ୍ରୀୟ ଡିଜାଇନ ସଂସ୍ଥାନ (NID), ଅହମଦାବାଦଙ୍କ ସହାୟତାରେ ପ୍ରସ୍ତୁତ କରାଯାଇ ଅଛି ଏବଂ NID/NIFT ରେ ଅଭିଜ୍ଞତା ଥିବା ଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଅଛି । ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଜାଇନ ର ମୂଳତତ୍ତ୍ୱ, ହସ୍ତଶିଳ୍ପରେ ବଜାର ଚାହିଦା ଅନୁଯାୟୀ ତଥା ରପ୍ତାନୀ ଭିତ୍ତିକ ନୂତନ ଡିଜାଇନ ର ବିକାଶ, କଂପ୍ୟୁଟର ମାଧ୍ୟମରେ ନମୂନା ପ୍ରସ୍ତୁତି ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଉଅଛି । ପାଠ୍ୟକ୍ରମ ଚାଲିଥିବା ସମୟରେ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ **ମାସିକ ଟ. ୨୦୦୦ ଙ୍କା ଭତ୍ତା** ଦେବାର ବ୍ୟବସ୍ଥା ଅଛି । ଆବଶ୍ୟକ ସ୍ଥଳେ କେବଳ ପୁରୁଷ ମାନଙ୍କ ପାଇଁ ସୀମିତ ହଷ୍ଟେଲ ବ୍ୟବସ୍ଥା କରାଯାଇ ପାରେ । **୨୦୨୩ - ୨୪** ଶିକ୍ଷା ବର୍ଷ ପାଇଁ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନିମ୍ନ ଯୋଗ୍ୟତାଧାରୀ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ଆବେଦନ କରିବା ପାଇଁ ଯୋଗ୍ୟତା

ପ୍ରାର୍ଥୀମାନେ ଅନ୍ୟୁନ ଦଶମ ଶ୍ରେଣୀ ପାସ୍ କରିଥିବେ ଏବଂ ରାଜ୍ୟ ହସ୍ତ ଶିଳ୍ପ ନିର୍ଦ୍ଦେଶାଳୟ । ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା ରାଜ୍ୟର ଯେକୌଣସି ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧୀନରେ ଶିକ୍ଷା ଲାଭ କରିଥିବେ କିମ୍ବା କୌଣସି ହସ୍ତଶିଳ୍ପରେ ୫ ବର୍ଷର ଅଭିଜ୍ଞତା ଥାଇ କାର୍ଯ୍ୟରତ ଥିବେ । ପ୍ରାର୍ଥୀମାନଙ୍କର ବୟସ ତା ୦୧-୦୬-୨୦୨୩ ସୁଦ୍ଧା ୧୭ ବର୍ଷରୁ ୪୦ ବର୍ଷ ମଧ୍ୟରେ ଥିବା ଆବଶ୍ୟକ।

### ସ୍ଥାନ ସଂଖ୍ୟା – ୨୦

ଚୟନ ପ୍ରକ୍ରିୟା- ଏକ ଯୋଗ୍ୟତା ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯିବ । ପରୀକ୍ଷା ତାରିଖ ପରେ ମୋବାଇଲ ମାଧ୍ୟମରେ ଜଣାଇ ଦିଆଯିବ ।

### ଆବେଦନ ପ୍ରଣାଳୀ

ଆଗ୍ରହୀ ଛାତ୍ର ଛାତ୍ରୀ ମାନେ ତା : ୦୯ -୦୭-୨୦୨୩ ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପାଇଁ ଆମ ୱେବ ସାଇଟ www.sidacodisha.org.in ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀ ରେ ଆବଶ୍ୟକ ଦସ୍ତାବିଜ ର ପ୍ରମାଣ ପତ୍ର ଅପଲୋଡ କରି ଆବେଦନ କରିବେ । ସମସ୍ତ ଯୋଗାଯୋଗ ଫୋନ / ଇମେଲ ମାଧ୍ୟମରେ କରାଯିବ । ତେଣୁ ଆବେଦନ କାରୀମାନେ କାର୍ଯ୍ୟକ୍ଷମ ଥିବା ୨ ଟି ଫୋନ ନମ୍ବରୁ ସହ ଇମେଲ ଠିକଣା ଦେବାପାଇଁ ଅନୁରୋଧ । ଅନୁସନ୍ଧାନ ପାଇଁ ଯୋଗାଯୋଗ ନମ୍ବର - ୮୮୯୫୯୯୨୩୦୫/ ୮୩୨୮୮୯୦୨୮୪।

-ସ୍ୱା-
ସଦସ୍ୟ ସଚିବ

**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
SIDAC
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
ହାଣ୍ଡିକ୍ରାଫ୍ଟ କଂପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ- ୦୬୭୪- ୨୩୫୦୩୧୮, ୯୬୫୮୦୯୧୮୧୪, ୭୦୦୮୮୬୮୫୬୮